# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 05th June - 2025

**************************************

*Desk*

# ବିଶ୍ୱ ପରିବେଶ ଦିବସ

ଆଜି ବିଶ୍ୱ ପରିବେଶ ଦିବସ । ୧୯୭୪ ମସିହା ଜୁନ୍ ୫ ତାରିଖରୁ ପ୍ରତିବର୍ଷ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇ ଆସୁଛି । ଚଳିତବର୍ଷର ବାର୍ତ୍ତା ରହିଛି 'ପ୍ଲାଷ୍ଟିକ ପ୍ରଦୂଷଣକୁ ପ୍ରତିହତ କରିବା' । ପ୍ଲାଷ୍ଟିକ ପ୍ରଦୂଷଣର ଭୟାବହତା, ପ୍ଲାଷ୍ଟିକର ଅପବ୍ୟବହାର ଓ ବିଶ୍ୱସ୍ତରରେ ଜୀବଜଗତ ସହ ମାନବ ସ୍ୱାସ୍ଥ୍ୟ ଉପରେ ଏହାର ବିନାଶକାରୀ ପ୍ରଭାବକୁ ମୁଳପୋଛ କରିବାର ଆବଶ୍ୟକତାକୁ ଗୁରୁତ୍ୱ ପ୍ରଦାନ କରିବା ବିଶ୍ୱ ପରିବେଶ ଦିବସ ପାଳନର ଲକ୍ଷ୍ୟ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ଲାଷ୍ଟିକ୍ ପ୍ରଦୂଷଣକୁ ପ୍ରତିହତ କରିବାପାଇଁ ସମସ୍ତେ ସଚେତନ ହେବାକୁ ଆହ୍ୱାନ ଦେଇଛନ୍ତି ।

*Desk*

# ପି.ଏମ୍. - ପରିବେଶ ଦିବସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ବିଶ୍ୱ ପରିବେଶ ଦିବସ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ । ପ୍ରଧାନମନ୍ତ୍ରୀ ନୂଆଦିଲ୍ଲୀସ୍ଥିତ ଭଗବାନ ମହାବୀର ବନସ୍ଥଳୀ ପାର୍କରେ ଚାରେରୋପଣ କରିବାର କାର୍ଯ୍ୟକ୍ରମ ରହିଛି। ପ୍ରଧାନମନ୍ତ୍ରୀ 'ଏକ ପେଡ୍ ମା' କେ ନାମ' ଅଭିଯାନରେ ଏକ ବଟବୃକ୍ଷ ଲଗାଇବେ । ଏହାସହ ପ୍ରଧାନମନ୍ତ୍ରୀ ଆରାବଳୀ ସବୁଜ ପ୍ରାଚୀର ଯୋଜନା ପ୍ରକଳ୍ପର ଶୁଭାରମ୍ଭ କରିବେ । ୭୦୦ କିଲୋମିଟର ଦୈର୍ଘ୍ୟ ଆରାବଳୀ ବନାଞ୍ଚଳରେ ପୁନଃ ବନୀକରଣ କରିବା ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।

*Ganjam/R*

# ମୁଖ୍ୟମନ୍ତ୍ରୀଙ୍କ ଗଞ୍ଜାମ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଗଞ୍ଜାମ ଜିଲ୍ଲାରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ରମ୍ଭାଠାରେ ଓଡ଼ିଶା ପ୍ରଦେଶ ଗଠନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ସମୃଦ୍ଧ କରିବା ପାଇଁ ବରପୁତ୍ରମାନଙ୍କ ଅବଦାନର ସ୍ମୃତିରେ ନିର୍ମିତ ୪୧ ଜଣ ବରପୁତ୍ରଙ୍କ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିବାର କାର୍ଯ୍ୟକ୍ରମ ରହିଛି। ଏଥିସହିତ ଛତ୍ରପୁର ଷ୍ଟାଡିୟମ୍‌ଠାରେ ମୁଖ୍ୟମନ୍ତ୍ରୀ ୭୦

ହଜାର କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

***Desk***

# ରୋଗୀ ମୃତ୍ୟୁ – ତଦନ୍ତ

କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟରେ ଚିକିତ୍ସା ସମୟରେ ରୋଗୀମୃତ୍ୟୁ ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି । ଏଥିପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଶେଷଜ୍ଞଙ୍କୁ ନେଇ ପାଞ୍ଚଜଣିଆ ଦଳ ଗଠନ କରାଯାଇଛି । ଏହି ଦଳକୁ ଘଟଣାର କ୍ଷେତ୍ରସ୍ତରୀୟ ତଦନ୍ତ କରି ଆସନ୍ତା ଦୁଇଦିନ ମଧ୍ୟରେ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ଡି.ଏମ୍.ଇ.ଟି. ପ୍ରଫେସର ଡାକ୍ତର ସନ୍ତୋଷ କୁମାର ମିଶ୍ର କହିଛନ୍ତି :

***Voice*** :..........

***Desk***

# ଉତ୍କର୍ଷ ନିମାପଡ଼ା

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ପାଟି ଉତ୍କର୍ଷ ନିମାପଡ଼ା ସମ୍ମିଳନୀର ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ସ୍ଥାନୀୟ ବାରବାଟୀ ପଡ଼ିଆରେ ଆୟୋଜିତ ସୁଭଦ୍ରା ଶକ୍ତିମେଳାର ମଧ୍ୟ ଶୁଭାରମ୍ଭ ହୋଇଛି ।

*Kandhamal/R*

## କନ୍ଧମାଳ - ସମୀକ୍ଷା

ଗୃହ ନିର୍ମାଣ ଓ ସହରାଞ୍ଚଳ ବିକାଶ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କନ୍ଧମାଳ ଗସ୍ତରେ ଯାଇ ଜିଲ୍ଲାରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା କରିଛନ୍ତି । ଜି. ଉଦୟଗିରି ବିଜ୍ଞପିତ ଅଞ୍ଚଳ ପରିଷଦରେ ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିବା ସହିତ ପରିମଳ ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ସମ୍ପର୍କରେ ବିଭାଗୀୟ ଅଧିକାରୀମାନଙ୍କଠାରୁ ମନ୍ତ୍ରୀ ପଚାରି ବୁଝିଥିଲେ । ବାଲିଗୁଡ଼ା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକରେ ଯୋଗଦେଇ ବିକାଶମୂଳକ କାର୍ଯ୍ୟକ୍ରମଗୁଡ଼ିକୁ ଅଧିକ ତ୍ୱରାନ୍ୱିତ କରିବାପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଶ୍ରୀ ମହାପାତ୍ର ପରାମର୍ଶ ଦେଇଥିଲେ ।

*Desk*

## ସଂକ୍ରାମକ ରୋଗ

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ବର୍ଷାଋତୁରେ ଦେଖାଦେଉଥିବା ବିଭିନ୍ନ ସଂକ୍ରାମକ ରୋଗପାଇଁ ପ୍ରତିକାରାତ୍ମକ ପଦକ୍ଷେପ ସମ୍ପର୍କରେ ସମୀକ୍ଷା ବୈଠକ ହୋଇଛି । ବୈଠକରେ ମ୍ୟାଲେରିଆ, ଡେଙ୍ଗୁ, ହଇଜା ଆଦି ସଂକ୍ରାମକ ରୋଗକୁ ପ୍ରତିହତ କରିବାପାଇଁ ବିଭିନ୍ନ ପଦକ୍ଷେପ ନେବା ନେଇ ଶ୍ରୀ ଆହୁଜା ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ଏହାସହ ମହାନଗର ନିଗମ ଏବଂ ଡେଙ୍ଗୁପ୍ରବଣ ଅଞ୍ଚଳଗୁଡ଼ିକ ଚିହ୍ନଟ କରି

ମଶା ନିୟନ୍ତ୍ରଣ କାର୍ଯ୍ୟକ୍ରମ ଜାରି ରଖିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି । ସଂକ୍ରାମକ ରୋଗର ମୁକାବିଲାପାଇଁ ସଚେତନତା ସୃଷ୍ଟି ଉପରେ ବୈଠକରେ ଗୁରୁତ୍ୱ ପ୍ରଦାନ କରାଯାଇଛି ।

***Desk***

# କୁଳପତି ନିଯୁକ୍ତି

ରାଜ୍ୟର ୧୩ଟି ବିଶ୍ୱବିଦ୍ୟାଳୟରେ ନୂତନ କୁଳପତି ନିଯୁକ୍ତି ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । କୁଳପତି ପଦପାଇଁ ଜଣେ ପ୍ରଫେସର ଏକକାଳୀନ ୧୩ଟି ବିଶ୍ୱବିଦ୍ୟାଳୟ ନିମନ୍ତେ ଆବେଦନ କରିପାରିବେ । ପ୍ରଫେସରଙ୍କ ବୟସ ୨୦୨୫ ମସିହା ଡିସେମ୍ବର ପହିଲା ସୁଦ୍ଧା *୬୬* ବର୍ଷରୁ କମ୍ ହୋଇଥିବା ଆବଶ୍ୟକ । ବିଶ୍ୱବିଦ୍ୟାଳୟ ବ୍ୟତୀତ ଅନ୍ୟାନ୍ୟ ଗବେଷଣାଭିତ୍ତିକ ଅନୁଷ୍ଠାନର ଗବେଷକ କିମ୍ବା ବୈଜ୍ଞାନିକ ୧୦ ବର୍ଷର ଅଭିଜ୍ଞତା ସହ ଏଥିପାଇଁ ଆବେଦନ କରିପାରିବେ । ଜୁଲାଇ ମାସ ୫ ତାରିଖ ସୁଦ୍ଧା ଏଥିପାଇଁ ଆବେଦନ କରିବାକୁ ବିଜ୍ଞପ୍ତିରେ କୁହାଯାଇଛି ।

***Desk***

# ପ୍ୟାରିସ୍ ଗ୍ରାଁ ପ୍ରି

ପ୍ୟାରିସ୍‌ରେ ଅନୁଷ୍ଠିତ ବିଶ୍ୱ ପାରା ଆଥ୍‌ଲେଟିକ୍ ଗ୍ରାଁ ପ୍ରି’ରେ ଓଡ଼ିଶାର ସୁଚିତ୍ରା ପରିଡ଼ା ଜାଭେଲିନ୍ ଥ୍ରୋ’ରେ ରୌପ୍ୟ ଏବଂ ସଟ୍‌ପୁଟ୍‌ରେ ବ୍ରୋଞ୍ଜ୍

ପଦକ ଜିତିଛନ୍ତି । ସୁଚିତ୍ରାଙ୍କ ସଫଳତାପାଇଁ ମୁଖ୍ୟମନ୍ତ୍ରୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

*Desk*

# ସି.ଏମ୍. ଟ୍ରଫି

ସି.ଏମ୍. ଟ୍ରଫି ୧୫ ବର୍ଷରୁ କମ୍ ଆନ୍ତଃ ଜିଲ୍ଲା ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟରେ ଆଜି ନବରଙ୍ଗପୁର ଓ ଭୁବନେଶ୍ୱର ମଧ୍ୟରେ ସେମିଫାଇନାଲ୍ ମ୍ୟାଚ୍ ଖେଳାଯିବ । ସେହିଭଳି ଯାଜପୁର ଓ ବରଗଡ଼ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ । ସୂଚନା ଅନୁସାରେ, ଭୁବନେଶ୍ୱର ଜୋନ୍‌ରେ ଗତକାଲି ଅନୁଷ୍ଠିତ ଅନ୍ତିମ କ୍ୱାର୍ଟର୍ ଫାଇନାଲ୍‌ରେ ଭୁବନେଶ୍ୱର ଏଫ୍.ସି. ୯-୧ ଗୋଲ୍‌ରେ କଟକ ଏଫ୍.ସି.କୁ ପରାସ୍ତ କରି ଜୋନ୍ ଚାମ୍ପିୟନ୍ ହୋଇଥିଲା ।

*****